# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 December – 2025

**********************************

## ମୁଖ୍ୟ ସମ୍ବାଦ

- ସମ୍ବିଧାନ ନିର୍ବାଚନ କମିଶନଙ୍କୁ ମତଦାତା ସୂଚୀ ପ୍ରସ୍ତୁତ କରିବାର ଅଧିକାର ପ୍ରଦାନ କରିଥାଏ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ

— ଲୋକସଭାରେ ନିର୍ବାଚନୀ ସଂସ୍କାର ଉପରେ ଜାରି ରହିଛି ଆଲୋଚନା

- ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆଗାମୀ ୫ ବର୍ଷରେ ପ୍ରତିଷ୍ଠା ହେବ ୫୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ

- ନ୍ୟାୟ ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମସିଦ୍ଧ ଅଧିକାର; ମାନବ ଅଧିକାର ଦିବସ ଅବସରରେ କହିଲେ ରାଷ୍ଟ୍ରପତି

- ମହାନଦୀ ଜଳବିବାଦ ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ଗଠନ କଲେ ରାଜ୍ୟ ସରକାର

ଏବଂ

- ଭୁବନେଶ୍ୱରରେ ଆରମ୍ଭ ହେଲା ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା

## ସ୍ୱତନ୍ତ୍ର ସଘନ ସଂଶୋଧନ

ଲୋକସଭାରେ ଆଜି ନିର୍ବାଚନୀ ସଂସ୍କାର ଉପରେ ଆଲୋଚନା ଜାରି ରହିଛି । ଆଲୋଚନାରେ ଭାଗ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି, ଦେଶର ସମ୍ବିଧାନ ନିର୍ବାଚନ କମିଶନଙ୍କୁ ମତଦାତା ସୂଚୀ ପ୍ରସ୍ତୁତ କରିବାର ଅଧିକାର ପ୍ରଦାନ କରିଥାଏ । ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର ନିର୍ବାଚନ ଆୟୋଗଙ୍କ ଦାୟିତ୍ୱ । ମତଦାତା ସୂଚୀର ଶୁଦ୍ଧୀକରଣ ପାଇଁ ଏସ୍ଆଇଆରର ବ୍ୟବହାର କରାଯାଇଥାଏ ବୋଲି ଶ୍ରୀ ଶାହ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦେଶରେ ପ୍ରଥମ ଥର ପାଇଁ ୧୯୫୨ ମସିହାରେ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ଥିବାବେଳେ ଏସ୍ଆଇଆର ହୋଇଥିଲା । ୨୦୦୪ ମସିହା ପରେ ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏସ୍ଆଇଆରର ପ୍ରକ୍ରିୟାକୁ ଗ୍ରହଣ କରାଯାଇଥିଲା । ଶ୍ରୀ ଶାହ ସ୍ପଷ୍ଟ କରିଛନ୍ତି, ନିର୍ବାଚନ କମିଶନ ସରକାରଙ୍କ ଅଧୀନରେ କାର୍ଯ୍ୟ କରନ୍ତି ନାହିଁ ।

**- V/O - (ଅମିତ୍ ଶାହ)**

## ଧର୍ମେନ୍ଦ୍ର ପ୍ରଧାନ

ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଆଗାମୀ ୫ ବର୍ଷରେ ସରକାରୀ ସ୍କୁଲ

ଗୁଡ଼ିକରେ ୫୦ ହଜାର ନୂତନ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବେ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପ୍ରଧାନ କହିଛନ୍ତି, ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟଗୁଡ଼ିକରେ ୧୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଆଗାମୀ ବର୍ଷଗୁଡ଼ିକରେ ଦେଶରେ ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଚାଳିତ ହେବ। ଭାରତନେଟ୍ କେନ୍ଦ୍ରୀୟ ଯୋଜନାରେ ୬୦ ପ୍ରତିଶତ ହାଇସ୍କୁଲରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବ୍ରଡବ୍ୟାଣ୍ଡ୍ ଇଣ୍ଟରନେଟ୍ ସୁବିଧା ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି...

**- V/O -(ଧର୍ମେନ୍ଦ୍ର ପ୍ରଧାନ)**

## ରାଷ୍ଟ୍ରପତି–ବିଶ୍ୱ ମାନବ ଅଧିକାର ଦିବସ

ପ୍ରତ୍ୟେକ ବ୍ୟକ୍ତିର ମୌଳିକ ସ୍ୱାଧୀନତା ଓ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱବ୍ୟାପୀ ମାନବ ଅଧିକାର ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି- “ମାନବ ଅଧିକାର: ଆମର ଦୈନନ୍ଦିନ ଆବଶ୍ୟକତା ।”

ଏହି ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଭାରତରେ କେବଳ ମାନବ ଅଧିକାରର ସୁରକ୍ଷା କରାଯାଏ ନାହିଁ; ବରଂ ଏହାକୁ ଉତ୍ସବ ଭାବରେ ପାଳନ

କରାଯାଏ। ଶ୍ରୀମତୀ ମୁର୍ମୁ କହିଛନ୍ତି, ଲୋକଙ୍କ ମର୍ଯ୍ୟାଦା ରକ୍ଷା କ୍ଷେତ୍ରରେ କୌଣସି ସାଲିସ୍ କରାଯିବା ଉଚିତ୍ ନୁହେଁ। ସମସ୍ତଙ୍କ ଅଧିକାର ସୁନିଶ୍ଚିତ କରିବା ପାଇଁ ସରକାର ଦୃଷ୍ଟି ଦେଉଛନ୍ତି। ମାନବାଧିକାର ଦିବସ ଏକ ନ୍ୟାୟପୂର୍ଣ୍ଣ, ସମାନତାବାଦୀ ଏବଂ କରୁଣାମୟ ସମାଜ ଗଠନ ଲାଗି ପୃଷ୍ଠଭୂମି ନିର୍ମାଣ କରିଥାଏ। ନ୍ୟାୟ ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କର ଜନ୍ମସିଦ୍ଧ ଅଧିକାର ବୋଲି ରାଷ୍ଟ୍ରପତି କହିଛନ୍ତି।

## ଦୀପାବଳୀ-ୟୁନେସ୍କୋ

ଭାରତର ପ୍ରମୁଖ ସାଂସ୍କୃତିକ ଓ ପୌରାଣିକ ପର୍ବ  ଦୀପାବଳିକୁ ସଂଯୁକ୍ତ ରାଷ୍ଟ୍ର ସଂସ୍ଥା-ୟୁନେସ୍କୋ ମାନବତାର ବିରଳ, ସାଂସ୍କୃତିକ ଐତିହ୍ୟର ପ୍ରତିନିଧି ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଏହି ବିଷୟ ଘୋଷଣା କରି କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଏକ ଜୀବନ୍ତ ଐତିହ୍ୟ ଭାବେ ଦୀପାବଳି ଆମ ସଂସ୍କୃତିର ଏକ ମହାନ ପର୍ବ ବୋଲି ଶ୍ରୀ ଶେଖାୱତ୍ କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଦୀପାବଳି ପର୍ବ ୟୁନେସ୍କୋ ଐତିହ୍ୟ ତାଲିକାରେ ସ୍ଥାନ ପାଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି, ଦୀପାବଳି ଦେଶର ସଂସ୍କୃତି ଓ ଲୋକ ପରମ୍ପରା ସହ ଅତ୍ୟନ୍ତ ନିବିଡ଼ ଭାବେ ଜଡିତ। ଏହା ଆମ ସଭ୍ୟତାର ଆତ୍ମା। ପ୍ରକାଶ ଓ ଧାର୍ମିକ ମନୋଭାବର ପ୍ରତୀକ। ୟୁନେସ୍କୋର ଏହି ମାନ୍ୟତା ଫଳରେ ବିଶ୍ୱସ୍ତରରେ ଆଲୋକର ପର୍ବ ଦୀପାବଳିର ଆହୁରି ଲୋକପ୍ରିୟତା ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ମହାନଦୀ

ମହାନଦୀ ଜଳବିବାଦର ଜଟିଳତା ଓ ଭାବପ୍ରବଣତାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ମହାନଦୀ ଜଳ ସମ୍ବନ୍ଧୀୟ ବିଭିନ୍ନ ଦିଗ ସମ୍ବନ୍ଧରେ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ। ଏହା ସହ ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକ ସ୍ତରରେ ଜାରି ରହିଥିବା ପ୍ରୟାସଗୁଡ଼ିକୁ ଉଚ୍ଚସ୍ତରୀୟ କମିଟି ଆବଶ୍ୟକ ନୀତିଗତ ଦିଗ୍‌ଦର୍ଶନ ପ୍ରଦାନ କରିବ ବୋଲି ଜଣାପଡିଛି।

କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟ ନାରାୟଣ ମିଶ୍ର, ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ଅଛନ୍ତି।

## କଫସିରପ

ବେଆଇନ୍ କଫ୍‌ସିରଫ ଚୋରା ଚାଲାଣ ଓ ବ୍ୟବସାୟ ରୋକିବା ପାଇଁ ଓଡ଼ିଶା ପୁଲିସ୍ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ଗତ କିଛି ଦିନ ମଧ୍ୟରେ ପୁଲିସ୍ ପକ୍ଷରୁ ୬୧ଟି ମାମଲା ରୁଜୁ କରାଯିବା ସହ ମୋଟ ୭୩ ହଜାର ୧୮୧ ବୋତଲ ନିଶା ଦ୍ରବ୍ୟ ମିଶ୍ରିତ କଫ୍ ସିରଫ ଜବତ କରାଯାଇଛି। କାରବାରରେ ସମ୍ପୃକ୍ତ ୧୮୧ ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଏ

କ୍ଷେତ୍ରରେ ନିୟୋଜିତ ସ୍ୱତନ୍ତ୍ର ଟାସ୍କଫୋର୍ସ୍‌ର ସଫଳତାକୁ ପ୍ରଶଂସା କରିଛନ୍ତି।

## କଳିଙ୍ଗ ହର୍ବାଲ ମେଳା

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉଦ୍‌ଘାଟନ କରିଛନ୍ତି। ୭ଦିନ ଧରି ଚାଲିବାକୁ ଥିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ହିତାଧିକାରୀଙ୍କ ମଧ୍ୟରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା ଓ ସଚେତନତା ବୃଦ୍ଧି କରିବା। ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ଦ୍ୱାରା ଆୟୋଜିତ ଏହି ମେଳାରେ ୧୩୦ଟି ଷ୍ଟଲ୍ ଖୋଲାଯିବା ସହ ୨୬୦ରୁ ଅଧିକ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି।

## ସମୀକ୍ଷା ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ନିର୍ବାଚନ ସାକ୍ଷରତା କ୍ଲବ୍ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ସ୍ୱାକ୍ଷରତା କ୍ଲବ୍‌ର କାର୍ଯ୍ୟ ନେଇ ସମୀକ୍ଷା କରାଯାଇଥିଲା। ଏଥିରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଉପସ୍ଥିତ ଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳାମାନଙ୍କ ପାଇଁ ଡିଜିଟାଲ ଅପରାଧ ଓ ଘରୋଇ ହିଂସା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳାମାନଙ୍କର ଶିକ୍ଷା, ସାମାଜିକ ବିକାଶ, ଆତ୍ମନିର୍ଭରଶୀଳତା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମନୋନିତ ବରିଷ୍ଠ ମହିଳାମାନଙ୍କୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସମ୍ବର୍ଦ୍ଧିତ କରିଥିଲେ।

## ଲିଙ୍ଗଭିତ୍ତିକ ସଚେତନତା

**ବୌଦ୍ଧ** ଜିଲ୍ଲା ତାଲିମ୍ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ-୨୦୨୫ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଲିଙ୍ଗଭିତ୍ତିକ ହିଂସା

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଲିଙ୍ଗଭିତ୍ତିକ ହିଂସା ନିବାରଣ ସଚେତନତା ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଲିଙ୍ଗଭିତ୍ତିକ ହିଂସେ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

## ମୃତ୍ତିକା ସଂରକ୍ଷଣ

**ନୟାଗଡ଼** ଜିଲ୍ଲା ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଭୂ-ସମ୍ପଦ ସଚେତନତା ଓ ଏଲ୍.ଆର.ଆଇ. ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଓଡ଼ଗାଁ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ସଭାରେ ବୈଜ୍ଞାନିକ ପ୍ରଣାଳୀରେ ସମନ୍ୱିତ ଚାଷର ବିକାଶ କରାଯବା ଉପରେ ବୈଜ୍ଞାନିକମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଶୌଚାଳୟ ଦିବସ

**କେନ୍ଦୁଝର** ଜିଲ୍ଲାରେ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ଆୟୋଜିତ ବିଶ୍ୱ ଶୌଚାଳୟ ଦିବସ ଅଭିଯାନ ଉଦ୍‌ଯାପିତ ହୋଇଯାଇଛି। ୨୨ ଦିନ ଧରି ଚାଲିଥିବା ଏହି ଅଭିଯାନରେ ଜିଲ୍ଲାର ମୋଟ୍ ୧୩ଟି ବ୍ଲକର ଗ୍ରାମଗୁଡ଼ିକରେ ପରିମଳ ସ୍ୱଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ପ୍ରାଣୀସମ୍ପଦ ମେଳା

**ନୂଆପଡ଼ା** ଜିଲ୍ଲା ଖଡିଆଳ କଲ୍ୟାଣ ମଣ୍ଡପଠାରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ଧାନଚାଷ ବଦଳରେ ସମନ୍ୱିତ କୃଷିକୁ ପ୍ରାଧାନ୍ୟ ଦେବା ସହ ଜୈବ ପ୍ରଣାଳୀର ପ୍ରୟୋଗ କରିବା ଉପରେ ମେଳାରେ ଗୁରୁତ୍ୱାରୋପ କରାଯାଇଛି।

## ମାନବ ଅଧିକାର ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଆନ୍ତର୍ଜାତିକ ମାନବାଧିକାର ଦିବସ ପାଳନ କରାଯାଇଛି।

**ଗଞ୍ଜାମ** ଜିଲ୍ଲା ମାନବାଧିକାର ମିଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧିକାରରୁ ବଞ୍ଚିତ ଲୋକମାନଙ୍କ ପାଇଁ ସହାୟତା ପ୍ରଦାନ କରିବା ଆମର ଦାୟିତ୍ୱ ବୋଲି ଅତିଥି ମତ ପ୍ରକାଶ କରିଥିଲେ।

ଜିଲ୍ଲାର ଛତ୍ରପୁର ଉପକାରାଗାର ଏବଂ ଛତ୍ରପୁର ତାଲୁକ ଆଇନ୍‌ସେବା କମିଟି ପକ୍ଷରୁ ମାନବ ଅଧିକାର ଦିବସ ପାଳନ କରାଯାଇଛି।

## କ୍ରୀଡା ଉତ୍ସବ

**ନବରଙ୍ଗପୁର** ଜିଲ୍ଲା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଲିବଲ, ଫୁଟବଲ, କ୍ରିକେଟ ଏବଂ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା।